## ୧୦ ବଖରା ଜଳିଗଲା

**ହାଟଡିହୀ,(ଡି.ଏନ.ଏ.):** କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଆମ୍ବୋ ପଞ୍ଚାୟତରେ ଗୁରୁବାର ଅଗ୍ନିକାଣ୍ଡ ଘଟି ୧୦ବଖରା ଜଳି ଯାଇଛି । ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡିନି। ଅଗ୍ନିକାଣ୍ଡରେ ଧାନ, ଚାଉଳ, ପୋଷାକ, ଆସବାବପତ୍ର ସବୁ ପୋଡ଼ିଯାଇଛି। ନିଆଁ ଲାଗି ଏକ ବାଇକ୍ ବିସ୍ଫୋରଣ ହୋଇଥିଲା। ରାସ ବିହାରୀ ପଟ୍ଟନାୟକଙ୍କ ଘରୁ ନିଆଁ ଲାଗି ଗ୍ରାମର ପ୍ରଭାସ ପଟ୍ଟନାୟକ, ଶରତ ପାତ୍ରଙ୍କ ଘରେ ନିଆଁ ଲାଗିଥିଲା। ସ୍ଥାନୀୟ ଲୋକ ଓ ହାଟଡିହୀ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ।

**ସଂକ୍ଷେପରେ**

## ନକଲି ବିଦେଶୀ ମଦ କାରଖାନାରେ ଚଢ଼ାଉ

**ବାରିପଦା ଅଫିସ,୧୫।୪:** ମୟୂରଭଞ୍ଜ ଜିଲା ବାରିପଦା ସହର ୨୮ନଂ. ୱାର୍ଡର ବାଘଡ଼ିହାରେ ଥିବା ଏକ ନକଲି ବିଦେଶୀ ମଦ କାରଖାନା ଉପରେ ଗୁରୁବାର ଅବକାରୀ ବିଭାଗ ଚଢ଼ାଉ କରି ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ମନ୍ତୋଷ ମହାନ୍ତ। ଏ ସଂକ୍ରାନ୍ତରେ ବାରିପଦା ଅବକାରୀ କାର୍ଯ୍ୟାଳୟରେ ଏକ ମାମଲା(ନଂ.୩/୨୧) ରୁଜୁ ହୋଇଛି।

ଜିଲା ଅବକାରୀ ଅଧୀକ୍ଷକ ଅଶୋକ କୁମାର ସେଠଙ୍କ ନିର୍ଦ୍ଦେଶ କ୍ରମେ ଗୁରୁବାର ସକାଳ ୫ଟା ୩୦ମିନିଟରେ ଉପଅଧୀକ୍ଷକ ଦିବ୍ୟ କିଶୋର ଟଣ୍ଡେଲ, ଇନ୍ସପେକ୍ଟର ବିକାଶ ଟୋପ୍ପ ଓ ନିରଞ୍ଜନ ସାହୁ(ଓଆଇସି)ଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇଥିଲା । ମନ୍ତୋଷଙ୍କ ଘରୁ ୨୦ଲିଟର ସ୍ପିରିଟ୍, ୯ଶହ ମିଲିଲିଟର ରଙ୍ଗ, ୪୭ଟି ୧୮୦ଏମ୍ଏଲ୍ ନକଲି ବୋତଲ, ଦୁଇଟି ବିଦେଶୀ ମଦ କମ୍ପାନୀ ବ୍ରାଣ୍ଡ ନାମରେ ଥିବା ୮୮୮ଟି ନକଲି ଲେବଲ, ବ୍ୟାପକ ଠିପି ଜବତ କରାଯାଇଛି । ତେବେ ନକଲି ସାମଗ୍ରୀ କେଉଁଠାରୁ ଆସୁଥିଲା ଓ ନକଲି ମଦ ପ୍ରସ୍ତୁତ ପରେ କେଉଁ ଦୋକାନକୁ ଯୋଗାଣ ହେଉଥିଲା ତା'ର ସମସ୍ତ ଦିଗ ଉପରେ ବିଭାଗ ତଦନ୍ତ ଜାରି ରହିଛି ବୋଲି ଅବକାରୀ ଅଧୀକ୍ଷକ କହିଛନ୍ତି।

## ମହିଳାଙ୍କୁ ବଦନାମ କରିବାକୁ ଉଦ୍ୟମ, ଯୁବକ ଗିରଫ

**ପଦ୍ମପୁର,୧୫।୪(ଡି.ଏନ.ଏ.):** ଭଦ୍ରକ ଜିଲା ସଦର ବ୍ଲକ ସାବରଙ୍ଗ ଥାନା ଅଞ୍ଚଳରେ ଜଣେ ବିବାହିତା ମହିଳାଙ୍କୁ ବଦ୍‌ନାମ କରିବା ପାଇଁ ଉଦ୍ୟମ କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ କାଶଲପୁର ଗ୍ରାମର ନକୁଳ ଜେନା। ଏ ନେଇ ଥାନାରେ ମାମଲା (ନଂ. ୯୦/୨୧) ରୁଜୁ ହୋଇଛି।

ପୋଲିସ ସୂଚନା ଅନୁଯାୟୀ, ବେନ୍ତାଳ ଅଞ୍ଚଳର ଜଣେ ଯୁବତୀ ଧୂଷୁରୀ ଥାନା ଅଞ୍ଚଳରେ ବିବାହ କରିଥିଲେ। ତାଙ୍କ ସ୍ୱାମୀ ବାହାରେ ରହି କାମ କରନ୍ତି। ନକୁଳ କୌଶଳକ୍ରମେ ତାଙ୍କ ସ୍ୱାମୀଙ୍କ ଫୋନ ନମ୍ବର ନେଇ ମହିଳାଙ୍କର ବିବାହ ପୂର୍ବରୁ ଅନେକ ଯୁବକଙ୍କ ସହ ଅନୈତିକ ସମ୍ପର୍କ ଥିବା ମିଥ୍ୟା ସୂଚନା ଦେଇଥିଲେ। ଏହାକୁ ନେଇ ସ୍ତ୍ରୀ ସ୍ୱାମୀଙ୍କ ସମ୍ପର୍କରେ ଫାଟ ସୃଷ୍ଟି ହୋଇଥିଲା। ଏ ନେଇ ମହିଳା ଜଣଙ୍କ ନକୁଳ ନାମରେ ସାବରଙ୍ଗ ଥାନାରେ ଅଭିଯୋଗ କରିଥିଲେ। ଥାନାଧିକାରୀ ମମତା ସାହୁ ଅଭିଯୋଗକାରୀଙ୍କ ସହ ଘଟଣାର ସତ୍ୟତା ଜାଣିବା ପାଇଁ ଗୁରୁବାର ତାଙ୍କ ଶାଶୁଘର ଗ୍ରାମରେ ପହଞ୍ଚି ତଦନ୍ତ କରି ଏହି କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ଶୁକ୍ରବାର ଅଭିଯୁକ୍ତଙ୍କ ଡାକ୍ତରୀ ପରୀକ୍ଷା ପରେ କୋର୍ଟ ଚାଲାଣ କରାଯିବ ବୋଲି ଥାନାଧିକାରୀ କହିଛନ୍ତି।

## ଚିକିତ୍ସାଧୀନ ଅବସ୍ଥାରେ ସରପଞ୍ଚଙ୍କ ମୃତ୍ୟୁ

**ହାଟଡିହୀ,୧୫।୪(ଡି.ଏନ.ଏ.):** କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଢେଙ୍କା ପଞ୍ଚାୟତର ସରପଞ୍ଚ ନିମାଇଁ ସାମଲଙ୍କର ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ମୃତ୍ୟୁ ଘଟିଛି । କିଛି ଦିନ ହେବ ସେ ଅସୁସ୍ଥ ହୋଇ ଭୁବନେଶ୍ୱରରେ ଏକ ଘରୋଇ ମେଡିକାଲରେ ଚିକିତ୍ସିତ ଥିଲେ। ତାଙ୍କ ମର ଶରୀରକୁ ଗ୍ରାମକୁ ଅଣାଯାଇ ଗାଁ ଶ୍ମଶାନରେ ଶବ ସତ୍କାର କରାଯାଇଥିଲା। ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହେବା ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ ।

## ଅନ୍‌ଲାଇନ୍ ପରୀକ୍ଷା ଦାବିରେ ଗେଟ୍‌ରେ ତାଲା

**ଆନନ୍ଦପୁର,୧୫। ୪(ସ୍ୱ.ପ୍ର.):** ଆସନ୍ତା ୧୯ ତାରିଖରେ ହେବାକୁ ଥିବା ଯୁକ୍ତ ୩ ପରୀକ୍ଷାକୁ ଅନଲାଇନ୍ ଦାବି କରି ଛାତ୍ରଛାତ୍ରୀମାନେ ବିରୋଧ କରିଛନ୍ତି। ପ୍ରତିବାଦରେ ଛାତ୍ରୀଛାତ୍ର ମହାବିଦ୍ୟାଳୟ ଗେଟରେ ତାଲା ପକାଇବା ସହିତ ଟାୟାର ଜାଳି ଆନ୍ଦୋଳନ କରିଥିଲେ। ନିକଟରେ ମହାବିଦ୍ୟାଳୟରେ କରୋନା ସଂକ୍ରମଣ ଚିହ୍ନଟ ହେବା ଘଟଣାକୁ ନେଇ ଛାତ୍ରୀଛାତ୍ରମାନେ ଭୟଭୀତ ହେବା ଓ ସେମାନଙ୍କର ସୁରକ୍ଷାକୁ ଦୃଷ୍ଟିରେ ରଖି ପରୀକ୍ଷାକୁ ଅନଲାଇନ୍ ଦାବି କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ ସମେତ ଅଧାପକ ମାନେ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ଉଦ୍ୟମ କରିଥିଲେ। ଘଟଣା ସମ୍ପର୍କରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିବା ପାଇଁ ଅଧକ୍ଷ ପ୍ରତିଶ୍ରୁତି ଦେବା ପରେ ଛାତ୍ରୀଛାତ୍ର ଆନ୍ଦୋଳନକୁ ସାମୂହିକ ଭାବେ ପ୍ରତ୍ୟାହୃତ କରିଥିଲେ।

# 'ରାଇବଣିଆର ବିକାଶ ଲାଗି ମାଷ୍ଟରପ୍ଲାନ ଜରୁରୀ'

**ରାଇବଣିଆ, ୧୫।୪**



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିଗଣ ।

ବାଲେଶ୍ୱର ଜିଲା ଜଳେଶ୍ୱରସ୍ଥିତ ରାଇବଣିଆଗଡର ଇତିହାସ, ସଂସ୍କୃତିକୁ ଉଜ୍ଜୀବିତ କରିବା ଲାଗି ସ୍ଥାନୀୟ ଜନସାଧାରଣ, ପ୍ରଶାସନ ଓ ସରକାରଙ୍କ ଆନ୍ତରିକତା ଆବଶ୍ୟକ ବୋଲି ଗୁରୁବାର ରାଇବଣିଆ ଦୁର୍ଗ ସୁରକ୍ଷା ଓ ଆଞ୍ଚଳିକ ଉନ୍ନୟନ ସଙ୍ଗଠନ ପକ୍ଷରୁ ଦୁର୍ଗ ପରିସରରେ ହେଉଥିବା ବାର୍ଷିକ ଉତ୍ସବରେ ମତପ୍ରକାଶ ପାଇଛି। ପରିଷଦ ପ୍ରତିଷ୍ଠାତା ସମ୍ପାଦକ ଡ. ଶ୍ରୀକାନ୍ତ ଚରଣ ପାତ୍ର ଅଧ୍ୟକ୍ଷତା କରି ରାଇବଣିଆ ଦୁର୍ଗ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ପାଇଥିଲେ ହେଁ କାର୍ଯ୍ୟକାରୀ ହେଉ ନ ଥିବାରୁ ବହୁ ଐତିହାସିକ ତତ୍ତ୍ୱ ଧ୍ୱଂସ ପାଉଛି କିମ୍ବା ଚୋରି ହେଉଛି ବୋଲି କହିଥିଲେ। ମୁଖ୍ୟଅତିଥି ଭାବେ ଭାଷା ସାହିତ୍ୟ, ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ରାଇବଣିଆର କଳେବର ପରିବର୍ତ୍ତନ ଲାଗି ଅଦ୍ୟାବଧି ୯୦ଲକ୍ଷ ଟଙ୍କା ଦେଇଥିବା ବେଳେ ଏହାର ବିକାଶ ଓ ଖନନ ଲାଗି ନବୀନ ସରକାର କେନ୍ଦ୍ର ସରକାରଙ୍କ ଏଏସ୍ଆଇ ବିଭାଗକୁ ଲେଖିବେ ବୋଲି କହିଥିଲେ। ଏହାର ବିକାଶ ଲାଗି ସେ ଏକ ମାଷ୍ଟରପ୍ଲାନ ଜରୁରୀ ବୋଲି ସୂଚନା ଦେଇଥିଲେ । ମୁଖ୍ୟବକ୍ତା ଭାବେ ବିଧାୟକ ଅଶ୍ୱିନୀ ପାତ୍ର ଯୋଗଦେଇ ତାଙ୍କ ପ୍ରଚେଷ୍ଟାରେ ତତ୍କାଳୀନ କେନ୍ଦ୍ରମନ୍ତ୍ରୀ ସମରେନ୍ଦ୍ର କୁଣ୍ଡୁ, ଇଂ. ରବୀନ୍ଦ୍ର ଜେନା, ଶ୍ରୀକାନ୍ତ ଜେନା ପ୍ରମୁଖ ଅର୍ଥ ସହାୟତା ଦେଇଥିବା ବେଳେ ୫୪ଲକ୍ଷ ଟଙ୍କାର ଜଗନ୍ନାଥ ମନ୍ଦିର ନିର୍ମାଣ, ରାଇବଣିଆର ବିକାଶ ଲାଗି ଲଳିତକଳା ବିଭାଗକୁ ୧୫ଲକ୍ଷ, ପ୍ରବେଶ ଫାଟକର ସୌନ୍ଦର୍ଯ୍ୟକରଣ ଲାଗି ୫୦ଲକ୍ଷ, ସୌରଶକ୍ତି ଲାଗି ୧୫ଲକ୍ଷ ଓ ରାଇବଣିଆ ରାସ୍ତା ନିର୍ମାଣ ଲାଗି ୩୨ ଲକ୍ଷ ଟଙ୍କା ତାଙ୍କ ପ୍ରଚେଷ୍ଟାରେ ଖର୍ଚ୍ଚ ହୋଇଥିବା ବେଳେ ଏବେ ରୁର୍ବାନରୁ ୧୭ଲକ୍ଷ ମଞ୍ଜୁର ହୋଇଥିବା କହିଥିଲେ । ରୁର୍ବାନରୁ ୫୦ ଲକ୍ଷ ଟଙ୍କା ଖର୍ଚ୍ଚରେ ଏକ ପାନ୍ଥନିବାସ ସମ୍ପର୍କରେ କହିଥିଲେ । ସମ୍ମାନନୀୟ ଅତିଥି ଭାବେ ସମାଜସେବୀ ସୁବାସିନୀ ଜେନା, କାଳିପଦ ପଣ୍ଡା, ଦାନ୍ତୁନର ସ୍ତମ୍ଭକାର ସନ୍ତୁ ଜେନା, ଉଦୟ ନାରାୟଣ ଦାସ ପ୍ରମୁଖ ଯୋଗଦେଇ ଉତ୍ତର ବାଲେଶ୍ୱର ଭାଷା ସାହିତ୍ୟରେ ସମୃଦ୍ଧ, ରାଇବଣିଆଗଡ ଢାଞ୍ଚାରେ ଜଳେଶ୍ୱର ରେଳଷ୍ଟେଶନ ନିର୍ମାଣ ସହିତ ଦୁର୍ଗ ସୁରକ୍ଷା ହେବା ଉଚିତ୍ ବୋଲି ମତବ୍ୟକ୍ତି କରିଥିଲେ । ମୁଖପତ୍ର 'ଜାଗ କଙ୍କାଳ', ଡ. ଶ୍ରୀକାନ୍ତ ଚରଣ ପାତ୍ରଙ୍କ ଲିଖିତ 'କବି ଦୀନକୃଷ୍ଣ ଦାସଙ୍କ ଭିନ୍ନ ଦିଗନ୍ତ', ପୂର୍ଣ୍ଣଚନ୍ଦ୍ର ଓଝାଙ୍କ 'ମହତବାଣୀ'କୁ ମନ୍ତ୍ରୀ ପାଣିଗ୍ରାହୀ ଲୋକାର୍ପିତ କରିଥିଲେ। ସାହିତ୍ୟର ନୂତନ ପରିଭାଷା ସ୍ପନ୍ଦନକୁ ବିଧାୟକ ପାତ୍ର ଲୋକାର୍ପିତ କରିଥିଲେ । ସୁରଶୋଭିତ ଘୋଷ ଓ ଲେଖକ ଦାସ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। କାଳିପଦ ପଣ୍ଡା, ଉଦୟ ନାରାୟଣ ଦାସ, ସନ୍ତୁ ଜେନା, ଉଜ୍ଜଳ କୁମାର ଦତ୍ତ, ଅଜୟ କୁମାର ଘୋଷ, କିରଣମୟୀ ମିଶ୍ର, ସୁବାସିନୀ ଜେନା, ରାଶେଶ୍ୱରୀ ମହାନ୍ତି, ଶୁଭଲକ୍ଷ୍ମୀ ଆଚାର୍ଯ୍ୟ, ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ବିଧାୟକ ଅଶ୍ୱିନୀ କୁମାର ପାତ୍ର, ଗବେଷକ ଶ୍ରୀକାନ୍ତ ପାତ୍ର ଓ ପ୍ରଜ୍ଞାପାରମିତା ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଖଇରା ମେଡିକାଲ ଛାତରୁ ଖସିଲା ପ୍ଲାଷ୍ଟର

**ଖଇରା, ୧୫।୪(ଡି.ଏନ.ଏ.)**

**କାମ ଚାଲୁଥିବା ବେଳେ ଦୁର୍ଘଟଣା**


ଛାତରୁ ପ୍ଲାଷ୍ଟର ଖସିଥିବା ସ୍ଥାନ।

ବାଲେଶ୍ୱର ଜିଲା ଅଧୀନ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉପର ମହଲା କାମ ଚାଲୁଥିବା ବେଳେ ପୁଳା ପୁଳା ପ୍ଲାଷ୍ଟର ଖସି ତଳେ ପଡିଛି । ଏଥିଯୋଗୁ ସେଠାରେ କାର୍ଯ୍ୟରତ ଶ୍ରମିକମାନେ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଉପର ମହଲା ନିର୍ମାଣ ପାଇଁ ପୂର୍ତ୍ତ ବିଭାଗ ତରଫରୁ ଆନୁମାନିକ ୧୦ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା । ଛାତ କାର୍ଯ୍ୟ ନିକଟରେ ଶେଷ ହୋଇଥିବା ବେଳେ ଏବେ ଦରଜା ଏବଂ ଝରକା ବସାଇବା କାର୍ଯ୍ୟ ଚାଲୁଛି। ହଠାତ୍ ମିସ୍ତ୍ରୀ ଓ ଶ୍ରମିକମାନେ କାର୍ଯ୍ୟ କରୁଥିବା ବେଳେ ଛାତରୁ ପ୍ଲାଷ୍ଟର ଖସି ତଳେ ପଡିଥିଲା । ଅଧିକାଂଶ ସ୍ଥାନରେ ପ୍ଲାଷ୍ଟର ଫାଟି ତଳକୁ ଝୁଲି ରହିଥିବାରୁ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀମାନେ ଏଭଳି ନିର୍ମାଣକୁ ନେଇ ଆତଙ୍କିତ ଅବସ୍ଥାରେ ଅଛନ୍ତି । ଖାଲି ସେତିକି ନୁହେଁ ଶୌଚାଳୟ ଓ କୋଠରିରେ ସିମେଣ୍ଟ ବଦଳରେ ବାଲି ଉପରେ ଟାଇଲ ବିଛାଯାଇଥିବାରୁ ଘରର ସ୍ଥାୟିତ୍ୱ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ବାହାନଗା ଅଞ୍ଚଳରେ ଜଣେ ଠିକାଦାର ଏହାର କାର୍ଯ୍ୟାଦେଶ ପାଇଥିବା ବେଳେ ଏହାକୁ ଜଣେ ଖଇରା ଅଞ୍ଚଳର ଜଣେ ଠିକାଦାର ସବ୍‌ଟେଣ୍ଡର ଆଣି ନିର୍ମାଣ କରି ତରବରିଆ ବିଲ୍ ଉଠାଇବାକୁ ଉଦ୍ୟମ କରିବାକୁ ଯାଇ ଏଭଳି ନିମ୍ନମାନର କାମ କରିଥିବା ଅଭିଯୋଗ ହୋଇଛି। ଏଭଳି ଗୃହ ଆଗାମୀ ଦିନରେ ରୋଗୀ ଏବଂ ମେଡିକାଲ କର୍ମଚାରୀଙ୍କ ପାଇଁ ଘାତକ ସାବ୍ୟସ୍ତ ହେବାର ଆଶଙ୍କା ଥିବାରୁ ଏହାକୁ ଭାଙ୍ଗି ନୂତନ ଭାବେ ନିର୍ମାଣ କରିବାକୁ ଦାବି ହୋଇଛି। କୋଠରୀଗୁଡ଼ିକରେ ଲଗାଯାଇଥିବା କବାଟ ଓ ଝରକାଗୁଡିକ ଠିକ୍ ଢଙ୍ଗରେ ବସାଯାଉ ନ ଥିବାରୁ ଅଳ୍ପ ଦିନ ମଧ୍ୟରେ ଏଗୁଡିକ ଖସି ବାହାରିଯିବ ବୋଲି ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗର ସହକାରୀ ଯନ୍ତ୍ରୀ ହରିଶ ଦ୍ୱାରୀଙ୍କ ସହ ଯୋଗାଯୋଗ କରିବାରେ ଛାତ ପ୍ଲାଷ୍ଟରକୁ ଆଉଥରେ ଝଡାଇ ଭଲ କରି ନିର୍ମାଣ କରିବାକୁ ଠିକାଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା କହିଛନ୍ତି।

## ମାସ୍କ ଚେକିଂ ବେଳେ ଧରାପଡ଼ିଲେ ବ୍ରାଉନସୁଗାର ବେପାରୀ

**ଭଦ୍ରକ ଅଫିସ,୧୫।୪**

**୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଜବତ, ୩ ଗିରଫ**

ମାସ୍କ ଚେକିଂ ବେଳେ ଗୁରୁବାର ଭଦ୍ରକ ଗ୍ରାମାଞ୍ଚଳ ଥାନା ପୋଲିସ ହାତରେ ଧରାପଡ଼ିଛନ୍ତି ୩ ବ୍ରାଉନସୁଗାର ବେପାରୀ। ପୋଲିସ ସେମାନଙ୍କୁ ଗିରଫ କରିଥିବା ବେଳେ ୧୦ ଗ୍ରାମରୁ ଅଧିକ ବ୍ରାଉନସୁଗାର ଜବତ କରିଛି। ଏହାର ଆନୁମାନିକ ମୂଲ୍ୟ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ଏକ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଯତୀନ କୁମାର ପଣ୍ଡା ସୂଚନା ଦେଇଛନ୍ତି। ଗିରଫ ବେପାରୀମାନେ ହେଲେ ପୁରୀ ଜିଲାର ସିତେଶ କୁମାର ପାତ୍ର, ଗ୍ରାମାଞ୍ଚଳ ଥାନା ଅଧୀନ ବଉଳପୋଖରୀର ରବୀନ ଦାଶ ଓ ଉମାକାନ୍ତ ମଲ୍ଲିକ। ଏ ନେଇ ଥାନାରେ ମାମଲା (ନଂ.୧୮୧/୨୧) ରୁଜୁ କରାଯାଇଛି।

ପୋଲିସ ସୂଚନା ଅନୁଯାୟୀ, ଏହି ବେପାରୀମାନେ ବାଲେଶ୍ୱର ଜିଲା ଜଳେଶ୍ୱରରୁ ଏକ କାର୍‌ରେ ଭଦ୍ରକକୁ ବ୍ରାଉନସୁଗାର ଆଣୁଥିଲେ। ୧୬ ନଂ. ଜାତୀୟ ରାଜପଥର ରାଣୀତାଲ ନିକଟରେ ମାସ୍କ ଚେକିଂ ଚାଲିଥିଲା। ପୋଲିସକୁ ଦେଖି କାର୍ ଚାଳକ ଦ୍ରୁତ ଗତିରେ ଗାଡ଼ି ଚଲାଇଥିଲେ। ହେଲେ ରାଣୀତାଲ ଲେଭଲ କ୍ରସିଂ ନିକଟରେ ରେଳ ଫାଟକ ପଡ଼ିଥିବାରୁ ଗାଡ଼ିଟି ଆଉ ଯାଇପାରି ନ ଥିଲା। ସନ୍ଦେହରେ ପୋଲିସ ଗାଡ଼ିରେ ଚଢ଼ାଉ କରିଥିଲା। ଏହି ସମୟରେ ମୁଖ୍ୟ ବେପାରୀ କିଛି ବ୍ରାଉନସୁଗାର ଧରି ଚମ୍ପଟ ମାରିଥିବା ବେଳେ ଅନ୍ୟ ୩ ଜଣଙ୍କୁ କାବୁ କରିଥିଲା। ପୋଲିସ ବ୍ରାଉନସୁଗାର ସହ ଗାଡ଼ିକୁ ଜବତ କରିଛି। ଏଥିସହ ଖଣ୍ଡା, ଲାଠି, ଦୁଇଟି ଛୁରୀ ଓ ଖେଳନା ବନ୍ଧୁକ ମଧ୍ୟ ଜବତ ହୋଇଛି। ଘଟଣାର ଅଧିକ ତଦନ୍ତ ଚାଲିଥିବା ବେଳେ ଫେରାର ହୋଇଯାଇଥିବା ବ୍ରାଉନସୁଗାର ବେପାରୀଙ୍କ ଫଟୋ ଜାରି କରାଯାଇଛି।

## ସଂକ୍ରମିତଙ୍କ ସଂଖ୍ୟା ୩୦୦ ଟପିଲା, ଆଉ ଜଣେ ମୃତ

**କେନ୍ଦୁଝର, ୧୫।୪ (ସ୍ୱ.ପ୍ର./ଡି.ଏନ.ଏ.)**

କେନ୍ଦୁଝର ଜିଲାରେ କରନା ପଜିଟିଭ ସଂଖ୍ୟା ୩ ଶହ ଟପି ୩୦୩ ରେ ପହଞ୍ଚିଛି। ଗତ ୨୪ ଘଣ୍ଟାରେ ଜିଲାରେ ପଜିଟିଭ ସଂଖ୍ୟା ୩୦୩ରେ ପହଞ୍ଚିଥିବାବେଳେ ସମୁଦାୟ ପଜିଟିଭ ସଂଖ୍ୟା ୮୪୪୯। ଗତ ୨୪ ଘଣ୍ଟାରେ କେନ୍ଦୁଝରଗଡ ପୌରପାଳିକାରେ ଜଣେ ୭୦ ବର୍ଷୀୟ ବ୍ୟକ୍ତି କରୋନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିବା ବେଳେ ସମୁଦାୟ ମୃତ୍ୟୁ ସଂଖ୍ୟା ୩୭ରେ ପହଞ୍ଚିଛି। ୨୪ ଘଣ୍ଟା ମଧ୍ୟରେ ୧୩୯୮ଜଣଙ୍କ କୋଭିଡ ଟେଷ୍ଟ କରାଯାଇଥିଲା। କେନ୍ଦୁଝରଗଡ ପୌରାଞ୍ଚଳରେ ସର୍ବାଧିକ ୨୪ ଚିହ୍ନଟ ହୋଇଥିବାବେଳେ ସଦର ବ୍ଲକରେ ୧୨, ଚମ୍ପୁଆ ବ୍ଲକ ୯, ଯୋଡ଼ାରେ ୮, ଘଟଗାଁରେ ୫, ବାଂଶପାଳରେ ୪, ପାଟଣାରେ ୩, ଆନନ୍ଦପୁର ବ୍ଲକ ଓ ଆନନ୍ଦପୁର ପୌରପାଳିକା, ଘଷିପୁରା ବ୍ଲକ, ଯୋଡା ପୌରପାଳିକାରେ ୨ ଜଣ ଲେଖାଏ ଚିହ୍ନଟ ହୋଇ ଚିକିତ୍ସାଧୀନ ଅଛନ୍ତି।

## କମ୍ପାନୀ ଫାଟକ ଆଗରେ ଧାରଣା


ଧାରଣା ଦେଇଥିବା ଯୁବ ଗୋଷ୍ଠୀ।

**ବଡ଼ବିଲ, ୧୫।୪(ସ୍ୱ.ପ୍ର)**

କେନ୍ଦୁଝର ଜିଲା ବଡବିଲ ଥାନା ଅନ୍ତର୍ଗତ ଠାକୁରାଣୀସ୍ଥିତ ଓଏମଡି କମ୍ପାନୀ ମୁଖ୍ୟ ଫାଟକ ସମ୍ମୁଖରେ ସ୍ଥାନୀୟ ଯୁବଗୋଷ୍ଠୀ ୧୦ ଦଫା ଦାବି ପୂରଣ ନେଇ ଗୁରୁବାର ଠାରୁ ଧାରଣା ଆରମ୍ଭ କରିଛନ୍ତି। ଦାବିକୁ ନେଇ ଲିଖିତ ପ୍ରତିଶ୍ରୁତି ନ ମିଳିଲେ ଆସନ୍ତା ମେ' ୪ ତାରିଖରେ ହେବାକୁ ଥିବା କମ୍ପାନୀର ଜନଶୁଣାଣିକୁ ବିରୋଧ ହେବ ବୋଲି ଯୁବଗୋଷ୍ଠୀ ଚେତାବନୀ ଦେଇଛନ୍ତି। ଦୀର୍ଘ ୪୦ ବର୍ଷ ଧରି ଖଣି କାର୍ଯ୍ୟ କରିଥିବା ଉକ୍ତ କମ୍ପାନୀ ସ୍ଥାନୀୟ ନିଯୁକ୍ତି ତ ଦୂରର କଥା ସାମାଜିକ ଦାୟିତ୍ୱ ବୋଧ ବ୍ୟବସ୍ଥାରେ ଅଞ୍ଚଳର କୌଣସି ବିକାଶମୂଳକ କାର୍ଯ୍ୟ କରି ନ ଥିବାରୁ ୧୦ ଦଫା ଦାବି ସମୂହର ଯୁବଗୋଷ୍ଠୀ ଲିଖିତ ପ୍ରତିଶ୍ରୁତି ମାଗିଛନ୍ତି। ଏ ନେଇ କମ୍ପାନୀ କର୍ତ୍ତୃପକ୍ଷ ଲିଖିତ ଭାବେ ପ୍ରତିଶ୍ରୁତି ନ ଦେଲେ, ଓଡିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ହେବାକୁ ଥିବା ଆଗାମୀ ଜନଶୁଣାଣୀକୁ କମ୍ପାନୀ ସପକ୍ଷରେ କରାଇ ନ ଦେବାକୁ ଚେତାବନୀ ଦିଆଯାଇଛି।

## ଚିତ୍ରଶିଳ୍ପୀ କେଶୁ ଦାସ, ନାଟ୍ୟଗୁରୁ ମଧୁସୂଦନ ନାୟକ ସମ୍ବର୍ଦ୍ଧିତ


ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ କଳାକାର।

**ବାଲେଶ୍ୱର ଅଫିସ,୧୫।୪**

**ରାଜ୍ୟସ୍ତରୀୟ କଳାକାର ସମ୍ବର୍ଦ୍ଧନା**

ଭୁବନେଶ୍ୱର ଗୁରୁ କେଳୁଚରଣ ଓଡ଼ିଶୀ ନୃତ୍ୟ ରିସର୍ଚ୍ଚ ସେଣ୍ଟର ଅଡିଟୋରିୟମରେ ଓଡ଼ିଶା ଇଣ୍ଟରନ୍ୟାଶନାଲ ସେଣ୍ଟର ଆନୁକୂଲ୍ୟରେ ଚଳିତବର୍ଷ ଓଡିଆ ନବବର୍ଷ ଅବସରରେ ଏକ ରାଜ୍ୟସ୍ତରୀୟ କଳାକାର ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ସୁନାମଧନ୍ୟ ୧୫ଜଣ ବିଭିନ୍ନ ବିଭାଗର କଳାକାରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିବା ବେଳେ ବାଲେଶ୍ୱରରୁ ୨ଜଣ ରହିଛନ୍ତି। ଭାରତର ଏକମାତ୍ର ଜଉ ଚିତ୍ରଶିଳ୍ପୀ କେଶୁଦାସ ଓ ବାଲେଶ୍ୱର ଲୋକନାଟ ଚଢେଇୟା ନାଟ ଗୁରୁ, ନିର୍ଦ୍ଦେଶକ ତଥା ଅଭିନେତା ମଧୁସୂଦନ ନାୟକଙ୍କୁ ପୁଷ୍ପମାଲ୍ୟ, ଉପଢ଼ୌକନ ଓ ପ୍ରଶସ୍ତିପତ୍ର ପ୍ରଦାନ ପୂର୍ବକ ମୁଖ୍ୟଅତିଥି ପୁରୀ ଜଗନ୍ନାଥ ମନ୍ଦିରର ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ପାଟଯୋଷୀ ମହାପାତ୍ର ସମ୍ବର୍ଦ୍ଧିତ କରିଥିଲେ। ଓଡିଶା ଇଣ୍ଟରନ୍ୟାଶନାଲ ସେଣ୍ଟର ମୁଖ୍ୟ ପରେଶ ନାୟକ ତଥା ସମସ୍ତ କର୍ମକର୍ତ୍ତାଙ୍କ ସୁପରିଚାଳନାରେ ସରକାରୀ କୋଭିଡ ନିୟମକୁ ପାଳନ କରି ସୁଚାରୁରୂପେ ପାଳନ କରାଯାଇଥିଲା।

ବାଲେଶ୍ୱର ଲୋକକଳା ଜଉକଣ୍ଢେଇର ଗବେଷକ, ଉଦ୍ଧାରକ ଶିଳ୍ପୀ କେଶୁଦାସ ବାଲେଶ୍ୱରର କଳା ସଂସ୍କୃତିକୁ ପ୍ରତିଷ୍ଠା କରି ବହୁ ଅନୁଷ୍ଠାନରୁ ପୁରସ୍କୃତ ତଥା ସମ୍ବର୍ଦ୍ଧିତ ହୋଇଛନ୍ତି। ସେହିପରି ବାଲେଶ୍ୱର ସଦର ବ୍ଲକ ବଇଁଚାର ଚଢେଇୟା ନାଟ ଗୁରୁ ମଧୁସୂଦନ ନାୟକ ବାଲ୍ୟାବସ୍ଥାରୁ ଅଭିନୟ କଳା ପ୍ରତି ଆକୃଷ୍ଟ ହୋଇ ଗ୍ରାମାଞ୍ଚଳର ବହୁ ଯାତ୍ରା ଦଳ, ସଙ୍କୀର୍ତ୍ତନ, ପାଲା ଓ ଚଢେଇୟା ନାଟ ଦଳରେ ଅଭିନୟ କରି ସୁନାମ ଅର୍ଜନ କରିଛନ୍ତି । ସେ ଅଶି ଦଶକରୁ ବାଲେଶ୍ୱର ଚଢେଇୟା ନାଟକୁ ବଞ୍ଚାଇ ରଖିବା ପାଇଁ ସଂଘର୍ଷ ଜାରି ରଖିଛନ୍ତି। ସରକାରୀ ତଥା ବେସରକାରୀ ସଂସ୍ଥାମାନଙ୍କ ଆମନ୍ତ୍ରଣକ୍ରମେ ଓଡ଼ିଶାର ବିଭିନ୍ନ ସ୍ଥାନରେ ଚଢେଇୟା ନାଟ ମାଧ୍ୟମରେ ଜନସଚେତନତା କାର୍ଯ୍ୟକ୍ରମ କରି ପ୍ରଶଂସିତ ହେବା ସହ ସମ୍ବର୍ଦ୍ଧିତ ହୋଇଛନ୍ତି।

## ୨ ମୁଖ୍ୟ ଅଭିଯୁକ୍ତ ଗିରଫ

**ବନ୍ଧୁକ, ଗୁଳି, ଟଙ୍କା ଓ ମୋବାଇଲ ଜବତ**

**ବାଲେଶ୍ୱର ଅଫିସ,୧୫।୪**

**ଟ୍ରଲର ମାଲିକଙ୍କୁ ହତ୍ୟା ଘଟଣା**


ଜବତ ବନ୍ଧୁକ, ଗୁଳି, ଟଙ୍କା ଓ ମୋବାଇଲ୍

ବାଲେଶ୍ୱର ଜିଲା ମେରାଇନ୍ ଥାନା ଅଧୀନ ବଳରାମଗଡ଼ି ନିକଟ ନାଉପାଳଗଡ଼ିରେ ମାର୍ଚ୍ଚ ୧୫ତାରିଖରେ ଟ୍ରଲର ମାଲିକ ବିଜୟ କୁମାର ପ୍ରଧାନଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ଏନେଇ ମୃତକଙ୍କ ଭାଇଙ୍କ ଲିଖିତ ଅଭିଯୋଗ ଅନୁଯାୟୀ ମେରାଇନ୍ ଥାନାରେ ମାମଲା(ନଂ. ୩/୨୧) ରୁଜୁ କରାଯାଇଥିଲା। ପୂର୍ବରୁ ଉକ୍ତ ମାମଲାରେ ୧୨ଜଣଙ୍କୁ ଗିରଫ କରି ପୋଲିସ କୋର୍ଟଚାଲାଣ କରିଥିବା ବେଳେ ଗୁରୁବାର ଉକ୍ତ ଗୁଳିକାଣ୍ଡରେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଟାଉନ ଥାନା ଦରଘାପଡ଼ିଆ ଅଞ୍ଚଳର ଏସ୍‌କେ ଜାପାନ (୩୫) ଓ ସଦର ଥାନା ଅଧୀନ ମଧୁସୁଦନପୁର ଅଞ୍ଚଳର ବିଶ୍ୱନାଥ ପରିଡ଼ା (୩୬)ଙ୍କୁ ଗିରଫ କରି ଟାଉନ ଥାନା ପୋଲିସ କୋର୍ଟଚାଲାଣ କରିଥିବାର ଥାନାଧିକାରୀ ଶୁଭ୍ରାଂଶୁ ଶେଖର ନାୟକ ପ୍ରକାଶ କରିଛନ୍ତି।

ପୋଲିସ ବୁଧବାର ରାତିରେ ଦୁଇ ଅଭିଯୁକ୍ତଙ୍କ ଆଡ୍ଡା ଉପରେ ଚଢ଼ାଉ କରିଥିଲା। ସେମାନଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ଗୋଟିଏ ଦେଶୀ ବନ୍ଧୁକ, ୪ଟି ଗୁଳି, ନଗଦ ୩୨ହଜାର ଟଙ୍କା ଓ ୩ଟି ମୋବାଇଲ ଫୋନ ଜବତ କରାଯାଇଛି। ସେମାନଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଥିବା ପୋଲିସ ସୂତ୍ରରୁ ପ୍ରକାଶ।

## ଭଦ୍ରକ କଲେଜରେ ଛାତ୍ର ଅଶାନ୍ତି

**ଭଦ୍ରକ ଅଫିସ, ୧୫।୪**

ଭଦ୍ରକ ସ୍ୱୟଂଶାସିତ କଲେଜରେ ଗୁରୁବାର ଛାତ୍ର ଅଶାନ୍ତି ଦେଖାଦେଇଛି। ଯୁକ୍ତ ୩ ପରୀକ୍ଷା ଅଫ୍‌ଲାଇନ ପରିବର୍ତ୍ତେ ଅନ୍‌ଲାଇନରେ କରିବା ପାଇଁ ଅଡ଼ି ବସିଥିଲେ ଛାତ୍ରୀଛାତ୍ର। କଲେଜ ପରିସରରେ ଛାତ୍ରମାନେ ଫାଟକରେ ତାଲା ପକାଇ ଆନ୍ଦୋଳନ ସହ ନାରାବାଜି କରିଥିଲେ। ବର୍ତ୍ତମାନ ପରିସ୍ଥିତିରେ କରୋନା ସଂକ୍ରମଣ ବଢ଼ିବାରେ ଲାଗିଛି। ବୁଧବାର ଜଣେ ଅଧ୍ୟାପିକା ସଂକ୍ରମିତ ହେବା ପରେ ସେମାନେ ଭୟଭୀତ ହୋଇପଡ଼ିଛନ୍ତି। ଆସନ୍ତା ୧୯ରୁ ୩୦ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଯୁକ୍ତ ୩ ଦ୍ୱିତୀୟ ବର୍ଷର ପରୀକ୍ଷା ଅନ୍‌ଲାଇନରେ ହେଉ ବୋଲି ଆନ୍ଦୋଳନରତ ଛାତ୍ରମାନେ ଦାବି କରିଛନ୍ତି। ଏପରିକି ସେମାନେ କଲେଜ ପରିସରରେ ଟାୟାର ଜାଳି ଆନ୍ଦୋଳନ କରିବା ସହ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଧ୍ୟ ହୋହଲ୍ଲା କରିଥିଲେ।


କଲେଜ ଫାଟକ ସମ୍ମୁଖରେ ଛାତ୍ରମାନେ ହୋହଲ୍ଲା କରୁଛନ୍ତି।

## ଅନ୍‌ଲାଇନ୍ ପରୀକ୍ଷା ଦାବିରେ ବିକ୍ଷୋଭ

**ବାରିପଦା ଅଫିସ,୧୫।୪**

ମୟୂରଭଞ୍ଜ ଜିଲା ବାରିପଦାର ତକତପୁର ସ୍ଥିତ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂ ଶାସିତ ମହାବିଦ୍ୟାଳୟରେ +୩ ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ରମାନେ ଅନ୍‌ଲାଇନ ପରୀକ୍ଷା କରିବା ଦାବିକୁ ନେଇ କଲେଜ ଫାଟକରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ ଜାରି ରଖିଛନ୍ତି। ଜିଲାରେ କରୋନା ସଂକ୍ରମଣ ସଂଖ୍ୟା ବଢ଼ି ଚାଲିଛି। ଏହାକୁ ନେଇ ୧୯ରୁ ଆରମ୍ଭ ହେବାକୁ ଥିବା ତୃତୀୟ ସେମିଷ୍ଟର ପରୀକ୍ଷା ଅଫ୍ ଲାଇନ୍ ବଦଳରେ ଅନଲାଇନ୍ ମାଧ୍ୟମରେ କରିବାକୁ ଦାବି କରି ଛାତ୍ରୀଛାତ୍ରମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି।

କରୋନା ଯୋଗୁ ବର୍ଷ ତମାମ କଲେଜର ପାଠପଢ଼ା ବନ୍ଦ ରହିଥିଲା। ସରକାରୀ ନିଷ୍ପତ୍ତି ଅନୁଯାୟୀ ଶିକ୍ଷାଦାନ ବ୍ୟବସ୍ଥା କରାଯାଇଥିଲା। ମାତ୍ର ସ୍ୱଳ୍ପ ଦିନ ପାଠପଢ଼ା ମଧ୍ୟରେ କୌଣସି ବିଷୟ ସମ୍ପୂର୍ଣ୍ଣ ହୋଇ ନ ଥିବା ଛାତ୍ରୀ ସୁକନ୍ୟା କମିଳା ଓ ସ୍ୱାଗତିକା ବାରିକ ପ୍ରକାଶ କରିଛନ୍ତି। ଏନେଇ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନାହିଁ। ମୟୂରଭଞ୍ଜ ଏମ୍‌ପି ଇଂ. ବିଶ୍ୱେଶ୍ୱର ଟୁଡୁ ଓ ସାରସକଣା ବିଧାୟକ ଡା.ବୁଢ଼ାନ ମୁର୍ମୁ ଘଟଣାସ୍ଥଳରେ ପହଞ୍ଚି ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରି ଖୁବ୍‌ଶୀଘ୍ର ଏହି ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏନେଇ କଲେଜ ଅଧ୍ୟକ୍ଷା ଡ. ଝରଣା ବେହେରାଙ୍କୁ ପଚାରିବାରୁ ଛାତ୍ରୀଛାତ୍ରଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି। ତେବେ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ବିକ୍ଷୋଭ ଜାରି ରଖିଥିବା ସୂଚନା ମିଳିଛି।



ଆନ୍ଦୋଳନରତ ଛାତ୍ରୀଛାତ୍ରଙ୍କ ସହ ଏମ୍ ପି ବିଶ୍ୱେଶ୍ୱର ଟୁଡୁ ଆଲୋଚନା କରୁଛନ୍ତି।

### ପରୀକ୍ଷା ଘୁଞ୍ଚାଇବା ଦାବିରେ ଆନ୍ଦୋଳନ

**ଉଦଳା,୧୫।୪(ଡିଏନଏ):** ଯୁକ୍ତ ୩ ଦ୍ୱିତୀୟ ବର୍ଷର ତୃତୀୟ ସେମିଷ୍ଟର ପରୀକ୍ଷା ତାରିଖ ଘୁଞ୍ଚାଇବା ଦାବିରେ ଗୁରୁବାର ଉଦଳା କଲେଜରେ ଅଧ୍ୟୟନରତ ଛାତ୍ରୀଛାତ୍ର କଲେଜ ମୁଖ୍ୟ ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହା ସହିତ ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକଙ୍କୁ ଏକ ଦସ୍ତଖତ ସମ୍ବଳିତ ଦାବିପତ୍ର କଲେଜ ଅଧ୍ୟକ୍ଷଙ୍କ ଜରିଆରେ ପ୍ରଦାନ କରିଥିଲେ। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏହି ଦାବି ପୂରଣ ନ କଲେ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ ହେବ ବୋଲି ଛାତ୍ରୀଛାତ୍ରୀମାନେ ଚେତାବନୀ ଦେଇଛନ୍ତି।

**୨ କର୍ମଚାରୀ ପଜିଟିଭ, ୨ଦିନ ବ୍ୟାଙ୍କ ବନ୍ଦ**

ପାଟଣା,(ସ୍ୱ. ପ୍ର.): ଦିନକୁ ଦିନ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ପାଟଣା ବ୍ଲକ ତୁରୁମୁଙ୍ଗା ବଜାର ସ୍ଥିତ (ବ୍ୟାଙ୍କ ଅଫ ଇଣ୍ଡିଆ) ଏକ ରାଷ୍ଟ୍ରାୟତ୍ତ ବ୍ୟାଙ୍କର ଦୁଇ ଜଣ କର୍ମଚାରୀ କୋଭିଡ ପଜିଟିଭ ଚିହ୍ନଟ ପରେ ବ୍ୟାଙ୍କ କର୍ତ୍ତୃପକ୍ଷ ପକ୍ଷରୁ ବୁଧବାରଠାରୁ ଦୁଇ ଦିନ ପର୍ଯ୍ୟନ୍ତ ବ୍ୟାଙ୍କକୁ ବନ୍ଦ କରିଦେଇଛନ୍ତି। ଶାଖା ପରିଚାଳକ ବନମାଳୀ ରଣାଙ୍କ ସୂଚନା ଅନୁଯାୟୀ ପୁରା କାର୍ଯ୍ୟାଳୟକୁ ଗୁରୁବାର ସାନିଟାଇଜ କରାଯାଇଛି। ଶୁକ୍ରବାର ଠାରୁ ବ୍ୟାଙ୍କ ସେବା ସ୍ୱାଭାବିକ ହେବ। ଅନ୍ୟପକ୍ଷରେ ବ୍ୟାଙ୍କ ବନ୍ଦ ରହିବା ନେଇ ପୂର୍ବ ସୂଚନା ନ ଥିବାରୁ ଉପଭୋକ୍ତାମାନେ ବ୍ୟାଙ୍କକୁ ଆସି ନିରାଶ ହୋଇ ଫେରିଛନ୍ତି।



**ସଂକ୍ଷେପରେ**

## ପାଣିପାଇପ୍ ଚୋରି ଅଭିଯୋଗ: ୩ ଗିରଫ

ପାଟଣା,୧୫।୪(ସ୍ୱ. ପ୍ର.): ଉଠା ଜଳ ସେଚନ ପଏଣ୍ଟ ପାଇପ ଚୋରି ଅଭିଯୋଗରେ ପାଟଣା ପୋଲିସ ୩ ବ୍ୟକ୍ତିଙ୍କୁ ଗୁରୁବାର ଗିରଫ କରିଛି। ସେମାନେ ହେଲେ ଅଶନବାହାଲି ଗ୍ରାମର ପ୍ରଦୀପ କୁମାର ମହାନ୍ତ, କାଳୀ ଚରଣ ମହାନ୍ତ ଓ ମିରିଗିଖୋଜି ଗ୍ରାମର ଶୁକ ଦେବ ମହାନ୍ତ( ୩୦)। ସୂଚନା ଅନୁଯାୟୀ ଉକ୍ତ ଗ୍ରାମର ଲିଫ୍ଟ ଇରିଗେସନ ପ୍ରୋଜେକ୍ଟରେ ସଂଯୋଗ ପାଇଁ ପାଇପ ଆଣି ରଖା ଯାଇଥିଲା। ଗତ ଗୁରୁବାର ୧୩ଟି ପାଇପ୍ ଚୋରି ହୋଇଯାଇଥିବାନେଇ ପାଣି ପଞ୍ଚାୟତ ସଭାପତି ନିରଞ୍ଜନ ମହାନ୍ତ ବୁଧବାର ପାଟଣା ଥାନାରେ ଅଭିଯୋଗ କରିଥିଲେ। ଏନେଇ ଏସ ଆଇ ଶିବଶଙ୍କର ଆଲଦା ଏକ ମାମଲା (ନଂ.୫୧/୨୧) ରୁଜୁ କରି ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ ହୋଇଥିବା ସୂଚନା ଦେଇଛନ୍ତି।

## ପୀଡ଼ିତାଙ୍କ ପରିବାରକୁ ଭେଟିଲେ ଅତିରିକ୍ତ ଏସ୍‌ପି

ଖଇରା, ୧୫।୪(ଡି.ଏନ.ଏ.): ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ସାରୁଗାଁ ଗ୍ରାମର ଜଣେ ନାବାଳିକା ବଳାତ୍କାରର ଶିକାର ହୋଇ ମୃତ୍ୟୁବରଣ କରିଥିବା ପୀଡିତାଙ୍କ ପରିବାରକୁ ଗୁରୁବାର ଅତିରିକ୍ତ ଏସ୍‌ପି ଗୋବିନ୍ଦ ସେଠୀ ଓ ଖଇରା ଥାନା ଆଇଆଇସି ସୁବ୍ରତ ବେହେରା ଭେଟି ଘଟଣା ସମ୍ପର୍କରେ ପଚାରି ବୁଝିଛନ୍ତି । ଏପ୍ରିଲ ୪ତାରିଖରେ ନାବାଳିକା ଜଣକ ନିଖୋଜ ହୋଇଯିବା ନେଇ ପରିବାର ଲୋକଙ୍କ ତରଫରୁ ଖଇରା ଥାନାରେ ଅଭିଯୋଗ ପରେ ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟରେ ଝିଅର ମୃତଦେହ ପଡିଥିବା ଖବର ମିଳିଥିଲା। ନାବାଳିକାଙ୍କ ବାପା ଓ ଖଇରା ପୋଲିସର ସହାୟତାରେ ତାଙ୍କୁ ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟରୁ ସାରୁଗାଁକୁ ଅଣାଯାଇଥିଲା। ବଳାତ୍କାରରେ ସମ୍ପୃକ୍ତ ଥିବା ଜିତେନ୍ଦ୍ର ନାୟକଙ୍କୁ ଢେଙ୍କାନାଳ ପୋଲିସ ସହାୟତାରେ ଗିରଫ କରାଯାଇଥିଲା ।

## ବାଇକ୍ ଧକ୍କାରେ ନାବାଳିକା ମୃତ

ଢେଙ୍କିକୋଟ, ୧୫।୪ (ଡି.ଏନ.ଏ): କେନ୍ଦୁଝର ଜିଲା ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ପଇଦାପାଟଣା ପଞ୍ଚାୟତ ଝାଟିଆଳି ସାହି ନିକଟରେ ଗୁରୁବାର ଅପରାହ୍ନ ୬ଟା ବେଳେ ଏକ ବାଇକ ଧକ୍କାରେ ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଛି। ମୃତ ନାବାଳିକା ହେଲେ ସାନ୍ତରାପୁର ଗ୍ରାମର ଗୋବର୍ଦ୍ଧନ ମୁଣ୍ଡାଙ୍କ ଝିଅ ଟିକି ମୁଣ୍ଡା। ସନ୍ଧ୍ୟା ୬ଟାରେ ରାସ୍ତାରୁ ଘରକୁ ଯାଉଥିବା ବେଳେ ପଛ ପଟୁ ଏକ ବାଇକ୍ ଦ୍ରୁତ ଗତିରେ ଯାଇ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ରାସ୍ତାରେ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକମାନେ ତାଙ୍କୁ ତୁରନ୍ତ କେନ୍ଦୁଝର ଡାକ୍ତରଖାନାକୁ ନେଇଯାଇଥିଲେ ମାତ୍ର ସେଠାରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ଢେଙ୍କିକୋଟ ପୋଲିସ ଏକ ଦୁର୍ଘଟଣା ଜନିତ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯିବ ବୋଲି ଫାଣ୍ଡି ଅଧିକାରୀ ଈଶ୍ୱରଚନ୍ଦ୍ର ପ୍ରଧାନ କହିଛନ୍ତି।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମ ମେଶିନରେ ହେବା ଅଭିଯୋଗ

ଭଦ୍ରକ ଅଫିସ, ୧୫।୪

ଭଦ୍ରକ ଜିଲାରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ରେ ଜେସିବି ମେଶିନରେ କାମ କରାଯାଉଥିବା ନେଇ ଅଭିଯୋଗ ହୋଇଛି। ଟୁଇଟର ମାଧ୍ୟମରେ ଅଭିଯୋଗ ପରେ ଚତୁରତାର ସହ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ୱେବସାଇଟରୁ ବିଭାଗୀୟ ଅଧିକାରୀମାନେ ଉକ୍ତ କାର୍ଯ୍ୟ ସମ୍ପର୍କିତ ତଥ୍ୟ ଡିଲିଟ୍ କରି ଦେଇଥିବା ଅଭିଯୋଗ ହେଉଛି। ଭଦ୍ରକ ସଦର ବ୍ଲକ ରାନ୍ଦିଆ ପଞ୍ଚାୟତ ବରପଦା ଗ୍ରାମରୁ ଏଭଳି ଅଭିଯୋଗ ଆସିଛି।

ପ୍ରକାଶ ଯେ, ବରପଦା ଗ୍ରାମ୍ୟ ପୋଖରୀ ସୌନ୍ଦର୍ଯ୍ୟକରଣ ପାଇଁ ୨୦୨୦-୨୧ ଆର୍ଥିକ ବର୍ଷ କାର୍ଯ୍ୟ ବୋର୍ଡ଼ ନଂ. ୨୪୧୭୦୦୧୦୩୧/ଡବ୍ଲ୍ୟୁଏଚ୍/୧୦୩୬୩୩୦୭ ପାଞ୍ଚ ଲକ୍ଷ ବ୍ୟୟ ଅଟକଳରେ ଏହି ଯୋଜନାରେ ପଞ୍ଚାୟତ ପକ୍ଷରୁ ମାର୍ଚ୍ଚ ୨୩ରୁ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ହେଲେ ଏହି କାର୍ଯ୍ୟ ମଣିଷ ପରିବର୍ତ୍ତେ ଜେସିବି ସାହାଯ୍ୟରେ କରାଯାଇଥିବା ନେଇ ଫଟୋ ସହ ସ୍ଥାନୀୟ କେତେଜଣ ଗ୍ରାମବାସୀ ଟୁଇଟ୍ କରି ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଟୁଇଟ୍ ପରେ ୱେବସାଇଟରୁ ଉକ୍ତ ପୋଖରୀ ସୌନ୍ଦର୍ଯ୍ୟକରଣ ସମ୍ପର୍କିତ ତଥ୍ୟ ଡିଲିଟ୍ କରି ଦିଆଯାଇଥିବା ବେଳେ ଫଳକରେ ଧଳା ରଙ୍ଗ ଲଗାଇ ଲିଭାଇ ଦିଆଯାଇଥିବା ଦେଖିବାକୁ ମିଳିଛି। ଭଦ୍ରକ ବିଡିଓ ଉମେଶ ମଲ୍ଲିକ ଏହି କାର୍ଯ୍ୟ ବ୍ଲକ ପକ୍ଷରୁ ଅନୁମୋଦନ




ଲେଖାଯାଇଥିବା ଫଳକ।



ଅଭିଯୋଗ ପରେ ଲେଖା ଲିଭାଇ ଦିଆଯାଇଥିବା ଫଳକ।

**ଟୁଇଟ୍ ପରେ ୱେବସାଇଟରୁ ତଥ୍ୟ ଗାଏବ**

ହୋଇ ନ ଥିବା କହିଛନ୍ତି। ଯଦି ଅନୁମୋଦନ ହୋଇନାହିଁ ତେବେ ଉକ୍ତ ବୋର୍ଡ଼ କିପରି ଲେଖାଗଲା ତଥା ବୋର୍ଡ଼ରେ ନମ୍ବର କିପରି ଦିଆଗଲା ବୋଲି ସ୍ଥାନୀୟ ଲୋକେ ପ୍ରଶ୍ନ ଉଠାଇଛନ୍ତି। ଗ୍ରାମବାସୀ ଅଭିଯୋଗ କରୁଛନ୍ତି ଯେ, ଜେସିବି ସାହାଯ୍ୟରେ କାମ କରି ବିଲ୍ ପାଇଁ ଉଦ୍ୟମ କରାଯାଉଥିଲା। ଟୁଇଟରରେ ଅଭିଯୋଗ ହେବା ପରେ ତରବରିଆ ଭାବେ ବିଭାଗୀୟ ଅଧିକାରୀ ୱେବସାଇଟରୁ ତଥ୍ୟ ଡିଲିଟ୍ କରିଦେଇଛନ୍ତି। ଏ ସମ୍ପର୍କରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାସଙ୍କୁ ପଚାରିବାରୁ କହିଛନ୍ତି, ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟରଙ୍କ ଦ୍ୱାରା ଘଟଣାର ତଦନ୍ତ କରି ରିପୋର୍ଟ ଦେବାକୁ ଭଦ୍ରକ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ଆସିବା ପରେ ଆବଶ୍ୟକ ପଦକ୍ଷେପ ନିଆଯିବ।

# ଦିବ୍ୟାଙ୍ଗ ନାବାଳିକା ଗର୍ଭବତୀ

ଖଇରା, ୧୫।୪(ଡି.ଏନ.ଏ.)

**ଅଭିଯୁକ୍ତ ବିବାହ ନ କଲେ ଧାରଣା ଦେବେ ପରିବାର**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଞ୍ଚଳର ଜଣେ ଅନୁସୂଚିତ ଜନଜାତି ଦିବ୍ୟାଙ୍ଗ ନାବାଳିକାଙ୍କୁ ୬ମାସର ଗର୍ଭବତୀ କରାଇ ଜଣେ ସମ୍ପର୍କୀୟ ଦାଦା ଫେରାର ହୋଇଯାଇଛନ୍ତି। ଉକ୍ତ ନାବାଳିକାଙ୍କୁ ଅଭିଯୁକ୍ତଙ୍କ ସହ ବିବାହ କରାଇବାକୁ ପରିବାର ଲୋକେ ଖଇରା ଥାନା ଆଇଆଇସି ସୁବ୍ରତ ବେହେରାଙ୍କ ନିକଟରେ ଦାବି କରିଛନ୍ତି। ଥାନାରୁ ନ୍ୟାୟ ନ ମିଳେ ସମୂହ ଆଦିବାସୀ ପରିବାର ଧାରଣାରେ ବସିବାକୁ ଚେତାବନୀ ଦେଇଛନ୍ତି ।

ଉକ୍ତ ନାବାଳିକା ଜଣକ ନିଜ ଭାଇ ନିକଟରେ ରହୁଥିଲେ । ସେଠାରୁ କିଛି ଦୂରରେ ରହୁଥିବା ସମ୍ପର୍କୀୟ ଦାଦା ବିଭିନ୍ନ କାମ ବାହାନାରେ ନାବାଳିକାଙ୍କ ଘରକୁ ଯାଉଥିଲେ। ବିବାହ ପ୍ରଲୋଭନ ଦେଖାଇ ଶାରିରୀକ ସମ୍ପର୍କ ରଖିବା ପରେ ନାବାଳିକାଙ୍କୁ ଗର୍ଭବତୀ କରାଇ ଫେରାର ହୋଇଯାଇଛନ୍ତି। ବୁଧବାର ନାବାଳିକା ଭାଉଜଙ୍କୁ ଏ ସମ୍ପର୍କରେ କହିବା ପରେ ପରିବାର ଲୋକେ ଗୁରୁବାର ସକାଳେ ଥାନାରେ ଅଭିଯୋଗ କରିବା ସହ କାର୍ଯ୍ୟାନୁଷ୍ଠାନ ଦାବିରେ ସନ୍ଧ୍ୟା ପର୍ଯ୍ୟନ୍ତ ବସି ରହିଛନ୍ତି । ଆଇଆଇସି ସୁବ୍ରତ ବେହେରାଙ୍କୁ ପଚାରିବାରେ ଅଭିଯୁକ୍ତ ଫେରାର ଅଛି । ଖୁବ୍‌ଶୀଘ୍ର ତାଙ୍କୁ ଧରାଯିବ ବୋଲି କହିଛନ୍ତି ।

# ଅନିୟମିତତା ପ୍ରତିବାଦରେ ମହିଳାଙ୍କ ଧାରଣା

ବନ୍ତ,୧୫।୪(ଡି.ଏନ.ଏ.)

ଭଦ୍ରକ ଜିଲା ବନ୍ତ ବ୍ଲକର ଗଣିଜାଙ୍ଗ, ଛୟାଳସିଂ, କେନ୍ଦୁଆପଦା, ନିଳୋକ ଆଦି ପଞ୍ଚାୟତରେ ସିଆର୍‌ପି, ଏମ୍‌ବିକେ ଚୟନରେ ଅନିୟମିତତା ପ୍ରତିବାଦରେ ଗୁରବାର ମହିଳାମାନେ ବ୍ଲକ ଅଫିସ୍ ସମ୍ମୁଖରେ ଧାରଣାରେ ବସିଥିଲେ। ପ୍ରାରମ୍ଭରେ ପିଏନ୍‌ବି ଛକଠାରୁ ସେମାନେ ଶୋଭାଯାତ୍ରାରେ ବାହାରି ଦୁର୍ନୀତି ବିରୋଧୀ ସ୍ଲୋଗାନ ଦେଇ ବଜାର ପରିକ୍ରମା କରିଥିଲେ। ବ୍ଲକ ଜ୍ୟୋତିର୍ମୟୀ ମହିଳା ମହାସଂଘର ସଭାନେତ୍ରୀ କମଳା ଜେନା, ସମ୍ପାଦିକା ଉଷାରାଣୀ ବେହେରା, ସହସମ୍ପାଦିକା ଶୁଭଲକ୍ଷ୍ମୀ ନାୟକ, ସୁକାନ୍ତି ପଡ଼ିଆରୀ, ମାଳତୀ ଜେନା, ତୁଳସୀ ନାୟକଙ୍କ ନେତୃତ୍ୱରେ ଅପର୍ଣ୍ଣା ସୁତାର, ରଙ୍ଗଲତା ସାହୁ, ଇତିଶ୍ରୀ ସେଠୀ, ରୀତାଞ୍ଜଳି ମଲ୍ଲିକ ପ୍ରମୁଖ ଧାରଣାରେ ସାମିଲ ଥିଲେ। ୭ ଦିନ ପୂର୍ବରୁ ନୋଟିସ ଲଗା ନ ଯିବା, ଅଭିଯୋଗର ୭ ଦିନ ପରିବର୍ତ୍ତେ ୩ ଦିନରେ ପରୀକ୍ଷା କରିବା, ମାର୍କ ଦେବାରେ ପାତରଅନ୍ତର, ନକଲି ପ୍ରମାଣପତ୍ର ଦେଇ ଯୋଗ୍ୟ ବିବେଚିତ ଆଦି ନେଇ ଅଭିଯୋଗ କରିଥିଲେ। ଏବିଡିଓ ନିଶିକାନ୍ତ ଖୁଣ୍ଟିଆ ପହଞ୍ଚି ୭ ଦିନ ମଧ୍ୟରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବାରୁ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# କାର୍ଯ୍ୟକ୍ଷମ ହେବ ଓଡ଼ିଶା ସ୍ପଞ୍ଜ ଆଇରନ୍ କାରଖାନା

କେନ୍ଦୁଝର, ୧୫।୪(ଡ.ଏନ୍.ଏ./ସ୍ୱ.ପ୍ର.)

କେନ୍ଦୁଝର ସଦର ବ୍ଲକ ପଳାଶପଙ୍ଗା ପଞ୍ଚାୟତ ମୁରସୁଆଁଠାରେ ଗୁରୁବାର ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର ଆଞ୍ଚଳିକ ଅଧିକାରୀ ଇଂ. ପୁଷ୍କର ଚନ୍ଦ୍ର ବେହେରାଙ୍କ ଉପସ୍ଥିତିରେ ସ୍ଥାନୀୟ ଅଞ୍ଚଳର ୨୫ରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ଉପସ୍ଥିତ ରହି ମତ ଉପସ୍ଥାପନା କରିଥିଲେ। କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସଞ୍ଜୀବ କପୁର ଓଡ଼ିଶା ସ୍ପଞ୍ଜ ଆଇରନ୍ କମ୍ପାନୀ କାର୍ଯ୍ୟକ୍ଷମ ହେଲେ ସ୍ଥାନୀୟ ଅଞ୍ଚଳର ବିକାଶ ଓ କର୍ମନିଯୁକ୍ତି ଉପରେ ଗୁରୁତ୍ୱ ଦିଆଯିବ ବୋଲି କହିଥିଲେ। ଦୀର୍ଘ ବର୍ଷ ପରେ ଓଡ଼ିଶା ସ୍ପଞ୍ଜ ଆଇରନ୍ ପଳାଶପଙ୍ଗା ପରିସରରେ ପ୍ରସ୍ତାବିତ ଗ୍ରୀନଫିଲ୍ଡ ପ୍ରୋଜେକ୍ଟ ୩.୮୫ ଏମ୍‌ଟିପିଏ ଥ୍ରୋପୁଟ ଆଇରନ ଓର ବେନିଫିକେସନ ଏବଂ ଉତ୍ପାଦନ ଗ୍ୟାସ ପ୍ଲାଣ୍ଟ ସହିତ ୨.୦ ଏମ୍‌ଟିପିଏ ପେଲେଟ ପ୍ଲାଣ୍ଟ ହେଲେ ବ୍ୟାପକ କର୍ମନିଯୁକ୍ତି ସୃଷ୍ଟି ହେବ ବୋଲି ଜଣାପଡିଛି। ଏତଦବ୍ୟତିତ କମ୍ପାନୀ ପକ୍ଷରୁ ଓଡ଼ିଶା ସ୍ପଞ୍ଜ ଆଇରନ କାରଖାନାକୁ ପୁନଃ କାର୍ଯ୍ୟକ୍ଷମ ପାଇଁ ପଦକ୍ଷେପ ନିଆଯିବ ବୋଲି ଜଣାପଡିଛି। ପଳାଶପଙ୍ଗାଠାରେ ନୂତନ କାରଖାନା ପ୍ରତିଷ୍ଠା ଏବଂ ପୁରୁଣା କାରଖାନା କାର୍ଯ୍ୟକ୍ଷମ ହେଉଥିବାରୁ ସାଧାରଣରେ ଆନନ୍ଦ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ରୁଗ୍‌ଣ ହୋଇ ପଡ଼ିଥିବା କମ୍ପାନୀକୁ ପୁନରୁଦ୍ଧାର କରିବା ସହିତ ଅଞ୍ଚଳ ତଥା ରାଜ୍ୟର ବିକାଶ କ୍ଷେତ୍ରରେ ଯୋଡ଼ିବା ପାଇଁ ଜିଲାପାଳ ଆଶିଷ ଠାକରେ କାରଖାନା କର୍ତ୍ତୃପକ୍ଷଙ୍କ ସହ ବାରମ୍ବାର ଆଲୋଚନା କରିଥିଲେ। ଯାହାଫଳରେ ଏହି କାରଖାନାକୁ ନୂଆରୂପ ଦେବା ପାଇଁ ଉଦ୍ୟମ ଆରମ୍ଭ ହୋଇଥିଲା।

# ଚୋରି ଅଭିଯୋଗରେ ୩ ଯୁବକଙ୍କୁ ଗଛରେ ବାନ୍ଧି ମାଡ଼

ଚିତ୍ରଡ଼ା,୧୫।୪(ଡି.ଏନ.ଏ.)

ଚୋରି ଅଭିଯୋଗରେ ୩ ଯୁବକଙ୍କୁ ଦୀର୍ଘସମୟ ଧରି ଗାଁ ଦାଣ୍ଡରେ ଏକ ଗଛରେ ବାନ୍ଧି ମାଡ଼ ମରାଯିବା ଚର୍ଚ୍ଚାର ବିଷୟ ହୋଇଛି। ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅନ୍ତର୍ଗତ ଚିକିଟାମାଟିଆ ଅଞ୍ଚଳରେ ଏଭଳି ଘଟଣା ଘଟିଛି। ଏହି ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଘଟଣା ପଦାକୁ ଆସିଛି। ଏ ସମ୍ପର୍କରେ ସ୍ଥାନୀୟ ପୋଲିସ ପାଖରେ କୌଣସି ଖବର ନ ଥିବା ବିସ୍ମୟ ସୃଷ୍ଟି କରିଛି। ସୂଚନା ଅନୁଯାୟୀ, ଗତ ୧୨ତାରିଖରେ ଚିକିଟାମାଟିଆ ଗ୍ରାମର ଜଣେ ବ୍ୟକ୍ତିଙ୍କ ବାଡ଼ିରୁ ପାଣି ମୋଟର ଚୋରି ହୋଇଥିଲା। ୧୩ ତାରିଖରେ ୩ ଯୁବକ ସେହି ମୋଟରକୁ ବିକ୍ରି କରିବା ପାଇଁ ଉଦ୍ୟମ କରୁଥିବା ବେଳେ ଧରା ପଡ଼ିଥିଲେ। ୧୪ ତାରିଖରେ ସ୍ଥାନୀୟ ଲୋକେ ସେହି ଯୁବକମାନଙ୍କୁ ଗଛରେ ବାନ୍ଧି ନିସ୍ଥୁକ ମାଡ଼ ମାରିଥିଲେ। ପରେ ଭଦ୍ରଲୋକଙ୍କ ଉପସ୍ଥିତିରେ ଘଟଣାର ସମାଧାନ ହୋଇଥିବା ସୂଚନା ମିଳିଛି।

# ବର୍ଡର ସ୍ଥିତି ସମୀକ୍ଷା କଲେ ଉପଖଣ୍ଡ ଅଧିକାରୀ



ନିୟୋଜିତ କର୍ମଚାରୀଙ୍କ ସହ ଅଧିକାରୀମାନେ ଆଲୋଚନା କରୁଛନ୍ତି।

ଚମ୍ପୁଆ, ୧୫।୪(ଡି.ଏନ.ଏ)

ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ସାମାଜିକ ଦୂରତା ସହିତ ମାସ୍କ ପରିଧାନ ଉପରେ ଗୁରୁତ୍ୱାରୋପ କରାଯାଇଛି। ଏପରିକି ନିୟମମାନୁ ନ ଥିବା ଲୋକଙ୍କ ଠାରୁ ଜରିମାନା ଆଦାୟ କରାଯାଉଛି। ଏହାକୁ ପ୍ରତିହିତ କରିବା ପାଇଁ ଚମ୍ପୁଆ ଓ ଝାଡଖଣ୍ଡ ସୀମାନ୍ତରେ ଅସ୍ଥାୟୀ ଚେକ୍‌ପୋଷ୍ଟ ଖୋଲାଯାଇଛି। ଏହି ଚେକ୍ ପୋଷ୍ଟରେ ରାଜ୍ୟ ବାହାରୁ ଆସୁଥିବା ୨ ଚକିଆ, ୪ ଚକିଆ ଓ ଯାତ୍ରୀବାହୀ ବସ୍‌ଗୁଡିକୁ ପରିବହନ ବିଭାଗ ଦ୍ୱାରା ଯାଞ୍ଚ କରାଯାଉଥିବା ବେଳେ ପୋଲିସ ପ୍ରଶାସନ ପକ୍ଷରୁ ଯାତ୍ରୀଙ୍କର ଠିକଣା ସହିତ ଗାଡିଗୁଡିକର ଯିବା ଆସିବା ବିବରଣୀ ଲେଖାଯାଉଛି। ଏହି ଚେକ ପୋଷ୍ଟ ସ୍ଥିତିକୁ ଚମ୍ପୁଆ ଉପଜିଲାପାଳ ପ୍ରତାପ ପ୍ରିତିମୟ, ଏସ୍‌ଡିପିଓ ଦିଲିପ ବାଗ, ଆଞ୍ଚଳିକ ପରିବହନ ଅଧିକାରୀ ନିର୍ମଳ ମହାନ୍ତି ପ୍ରମୁଖ ସମୀକ୍ଷା କରିଛନ୍ତି। ଏନେଇ ଚେକ୍‌ପୋଷ୍ଟରେ ନିୟୋଜିତ କର୍ମଚାରୀଙ୍କ ସହ ଆଲୋଚନା କରିବା ସହିତ ଆଇନ ଶୃଙ୍ଖଳା ପାଇଁ ଚମ୍ପୁଆ ଥାନାଅଧିକାରୀ ବିଜୟକୃଷ୍ଣ ମହାପାତ୍ରଙ୍କ ସହ ମଧ୍ୟ ଆଲୋଚନା କରିଛନ୍ତି। ଏହି ଚେକ୍‌ପୋଷ୍ଟରେ ୨୪ ଘଣ୍ଟିଆ ଚେକିଂ କାର୍ଯ୍ୟ ଚାଲିଥିବା ଦେଖିବାକୁ ମିଳିଛି।

# କଟକଣାରେ ସରିଲା ଉଡ଼ାପର୍ବ

ଠାକୁରମୁଣ୍ଡା/ବୈଶିଙ୍ଗା,୧୫।୪(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡାର ଅଧିଷ୍ଠାତ୍ରୀ ଦେବୀ ମା' ବାସୁଳିଙ୍କ ପୀଠରେ ପଣା ସଂକ୍ରାନ୍ତି ରାତିରେ ପ୍ରସିଦ୍ଧ ଉଡା ପର୍ବ କୋଭିଡ୍ କଟକଣା ମଧ୍ୟରେ ଶେଷ ହୋଇଛି। ମାତ୍ର ୨୩ ଭକ୍ତା ଓ ଅଳ୍ପ ସଂଖ୍ୟକ ଶ୍ରଦ୍ଧାଳୁଙ୍କୁ ନେଇ ଏହି ପର୍ବ ପାଳିତ ହୋଇଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ମେଳା ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିଥିଲା। କମିଟିର ସମ୍ପାଦକ ସିରିଶ ଦେହୁରୀଙ୍କ ସମେତ ଜୟନାରାୟଣ ଭୁତୁଡ଼ା, କନ୍ଦଲ ନାଏକ, ଅଜିତ କଣ୍ଢେଇ,ଟିକି ଦେହୁରୀ, ଟିକି ବାରିକ ଓ କମିଟିର ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।

ସେହିପରି ବୈଶିଙ୍ଗା ବ୍ଲକ ଅଧୀନ ଗଡଦେଉଳିଆ ପଞ୍ଚାୟତର ଦୁର୍ଗାପୁର ଗ୍ରାମରେ ନିରାଡ଼ମ୍ବର ଭାବେ ଉଡ଼ା ପର୍ବ ପାଳିତ ହୋଇଯାଇଛି। ଅଳ୍ପ ସଂଖ୍ୟକ ଶ୍ରଦ୍ଧାଳୁ ମେଳା ପଡ଼ିଆରେ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା। ଗଡଦେଉଳିଆ ପଞ୍ଚାୟତର ବାଲକା ଓ ପ୍ରସିଦ୍ଧ ମହୁରୀ ଉଡ଼ା ଯାତ୍ରା ମଧ୍ୟ ଅନୁଷ୍ଠିତ ହୋଇଯାଇଛି।

# ନଦୀରେ ବୁଡ଼ି ଯୁବକ ମୃତ

ଯୋଡ଼ା,୧୫।୪(ଡି.ଏନ୍.ଏ.)

କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ଗୁରୁବେଡାଠାରେ ଜଣେ ଯୁବକ ଗାଧୋଉଥିବା ବେଳେ ପାଣିରେ ବୁଡ଼ି ମୃତ୍ୟୁ ଘଟିଛି। ସେ ହେଲେ ରୋଷନ କଚ୍ଛପ। ତାଙ୍କ ଘର ଯୋଡା ପୌରପାଳିକା ଆମ୍ବବାଗାନଠାରେ। ସେ ଫ୍ଲିପ୍‌କାର୍ଡରେ ଡେଲିଭରୀ ବୟ ଭାବେ କାମ କରୁଥିଲେ। ବୁଧବାର ସେ ଓ ତାଙ୍କ ସାଙ୍ଗ ଗୁରୁବେଡାସ୍ଥିତ ପିକ୍‌ନିକ୍ ସ୍ପଟ୍ ନିକଟସ୍ଥ ବୈତରଣୀ ନଦୀରେ ଗାଧୋଉଥିବା ବେଳେ ରୋଷନ ନଦୀର ଗଭୀରକୁ ପଶିଯିବାରୁ ବୁଡି ଯାଇଥିଲେ। ସ୍ଥାନୀୟ ଲୋକ ପାଣି ଭିତରେ ଖୋଜାଖୋଜି କରି ରୋଷନଙ୍କ ମୃତଦେହକୁ ଜବତ କରିଥିଲେ। ବାମେବାରୀ ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ଡାକ୍ତରଖାନା ପଠାଇଥିବା ପୋଲିସ ସୂତ୍ରରୁ ଜଣାପଡିଛି।

# ୫ଦିନରେ ୮୯ କରୋନା ଆକ୍ରାନ୍ତ

ସିମୁଳିଆ, ୧୫।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକରେ ଦ୍ୱିତୀୟ ପର୍ଯ୍ୟାୟ କରୋନା କାୟାବିସ୍ତାର କରିବାରେ ଲାଗିଛି । ଗତ ବୁଧବାର ସିମୁଳିଆରେ ୧୨ଜଣ ଆକ୍ରାନ୍ତ ହୋଇଥିବା ବେଳେ ଗୁରୁବାର ୧୭ଜଣ ଆକ୍ରାନ୍ତ ହୋଇଛନ୍ତି। ୧୫ଦିନରେ ୮୯ଜଣ ଆକ୍ରାନ୍ତ ହୋଇଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରିପୋର୍ଟରୁ ପ୍ରକାଶ ପାଇଛି । ସିମୁଳିଆ ପୋଲିସ ରାଜପଥରେ ମାସ୍କ ଚେକିଂକୁ ଗୁରୁତ୍ୱ ଦେଇଛି । ବୁଧବାର ସିମୁଳିଆ ବ୍ଲକ ବରୀ ପଞ୍ଚାୟତ ମେଳକ ଗ୍ରାମର ରମେଶ ପ୍ରଧାନ(୪୩)ଙ୍କର କରୋନାଜନିତ ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ସେ ବମ୍ବେରେ ରହୁଥିବା ବେଳେ ଗତ ୫ଦିନ ପୂର୍ବେ ଗାଁକୁ ଆସିଥିଲେ। ପରିବାର ପକ୍ଷରୁ ତାଙ୍କ ଶବ ସତ୍କାର କରାଯାଇଥିଲା ।


**DIDAYI DEVELOPMENT AGENCY**
**KUDUMULUGUMMA**
**TENDER CALL NOTICE**

No. 01/2020-21 Dt.13.04.2021

The Special Officer, DDA, K.gumma invites sealed percentage rate tenders vide Letter No. 156 dated 13.04.2021 on behalf of Governor of Odisha from registered & eligible reigstered contractors of Odisha State PWD/CPWD having experience in construction of road, bridges and building works in conformity with Detailed Tender Call Notice for execution of 02 Nos. of work namely (1) Ghat cutting with guard wall on the road from Oringi to Tikarapada via Sanyasiguda of Rasbeda GP & (2) Construction of Ladies Hostel for Didayi Student of D.D. College, K.gumma of K.gumma GP on drawl of agreement in DDA contract forms of Govt. of Odisha. Tender papers will be sold from 19.04.2021 to 28.04.2021 office hour working days only from this office as well as office of the P.A., ITDA, Malkangiri and received within 29.04.2021 in the office hour of Office of the Special Officer, DDA, K.gumma through Registered Post/Speed Post only. The tender shall be opened on 30.04.2021 at 10.30 A.M. in the Office of the DDA, K.gumma. Term & Condition and other details will be available in the Office notice board and district website i.e. **https://malkangiri.nic.in**. Purchasing & depositing of tender paper is the sole responsibility of the tender applicant within the due time.

**Sd./- Special Officer**
**Didayi Development Agency, Kudumulugumma**


# ‘ମୁଖ୍ୟମନ୍ତ୍ରୀଙ୍କ ଘୋଷଣା କେବଳ ଧୂଆଁବାଣ’

ବାଲେଶ୍ୱର ଅଫିସ,୧୫।୪

ବାଲେଶ୍ୱରବାସୀଙ୍କ ଦାୟିତ୍ୱ ଖୋଦ ମୁଖ୍ୟମନ୍ତ୍ରୀ ନେବା ପରେ ବାଲେଶ୍ୱରର ଆଇନଶୃଙ୍ଖଳା ଭୁଶୁଡି ପଡିଛି। ପରିସ୍ଥିତି ଏମିତି ହେଉଛି ଅପରାଧୀମାନେ ପୋଲିସ ଥାନା ଭିତରେ ଏବଂ ପୋଲିସର ଉପସ୍ଥିତିରେ ଆକ୍ରମଣ କରୁଛନ୍ତି। ଆଇନଶୃଙ୍ଖଳା ଉପରୁ ନଜର ଏଡ଼ାଇବା ପାଇଁ ମୁଖ୍ୟମନ୍ତ୍ରୀ ତାଙ୍କର ୫-ଟି ସଚିବଙ୍କୁ ବାଲେଶ୍ୱର ପଠାଇ ୧୫୫ କୋଟି ଟଙ୍କା ଘୋଷଣା କରିବା ଲୋକଦେଖାଣିଆ, କେବଳ ଧୂଆଁବାଣ ବୋଲି ସଦର ଭାଜପା ଅଫିସ୍‌ରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜ୍ୟ ଭାଜପା ଯୁବମୋର୍ଚ୍ଚା ଉପସଭାପତି ମାନସ କୁମାର ଦତ୍ତ କହିଛନ୍ତି। ଲମ୍ବା ସମୟ ଧରି କ୍ଷମତାରେ ରହିଲା ପରେ ମଧ୍ୟ ବିର୍ଲା, ଇସ୍ପାତ ଆଲଏଜ, ଇମାମୀ ଭଳି ଶିଳ୍ପସଂସ୍ଥା ଦିନକୁ ଦିନ ରୁଗ୍‌ଣ ହୋଇଯାଉଥିବା ବେଳେ ତାର ପୁନରୁଦ୍ଧାର ପାଇଁ ପ୍ରୟାସ କରାଯାଉନାହିଁ। ସାଢେ ୭କୋଟି ଟଙ୍କାର ସିଟି ବସ୍ ଏବେ ଖତ ଖାଉଛି, ରିଂ ରୋଡ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ନିଜେ ଉଦ୍‌ଘାଟନ କରି ୩ବର୍ଷରେ ସମ୍ପୂର୍ଣ୍ଣ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ, ମାତ୍ର ତାହା ପାଣିର ଗାର ପାଲଟିଛି। ମୁଖ୍ୟମନ୍ତ୍ରୀ ଏହି ପ୍ରସଙ୍ଗଗୁଡିକ ଉପରେ ଜନସାଧାରଣଙ୍କର ଦ୍ୱନ୍ଦ ଦୂର କଲେ ସହରବାସୀ ଆପଣଙ୍କ କଥାକୁ ଭରସା କରିବେ ବୋଲି ଦତ୍ତ କହିଛନ୍ତି। ସମ୍ମିଳନୀରେ ରବିନାରାୟଣ ମହାପାତ୍ର, ପର୍ଶୁରାମ ବେହେରା, ସତ୍ୟଜିତ ମିଶ୍ର, ଗଙ୍ଗାଧର ରାଉତ, ସୀତାକାନ୍ତ ସ୍ୱାଇଁ, ସୁଜିତ ଦେବ ପ୍ରମୁଖ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ଭାଜପା କର୍ମକର୍ତ୍ତା।

# ବାଲେଶ୍ୱର ବିକାଶ ପାଇଁ ଅର୍ଥ ମଞ୍ଜୁରକୁ ଜିଲା କଂଗ୍ରେସ ପକ୍ଷରୁ ସ୍ୱାଗତ

ବାଲେଶ୍ୱର ଅଫିସ,୧୫।୪

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାଲେଶ୍ୱର ସହର ବିକାଶ ଲାଗି ୧୫୫ କୋଟି ମଞ୍ଜୁର କରିଥିବାରୁ ବାଲେଶ୍ୱର ଜିଲା କଂଗ୍ରେସ ପକ୍ଷରୁ ସ୍ୱାଗତ କରାଯାଇଛି। ଏନେଇ କଂଗ୍ରେସ କାର୍ଯ୍ୟାଳୟରେ ଗୁରୁବାର ପୂର୍ବାହ୍ନରେ ଏକ ଖବରଦାତା ସମ୍ମିଳନୀ କରାଯାଇଥିଲା। ପ୍ରାରମ୍ଭରେ ପିପିଲି ଉପନିର୍ବାଚନ ଲାଗି ପ୍ରତିଦ୍ୱନ୍ଦ୍ୱିତା କରୁଥିବା କଂଗ୍ରେସ ବିଧାୟକ ପ୍ରାର୍ଥୀ ଅଜିତ୍ ମଙ୍ଗରାଜ କରୋନାରେ ପ୍ରାଣ ହରାଇଥିବାରୁ ତାଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

ଜିଲା ସଭାପତି ସଞ୍ଜୀବ ଗିରି ସଭାପତିତ୍ୱ କରି ବିଳମ୍ବରେ ହେଲେ ମଧ୍ୟ ବାଲେଶ୍ୱର ସହରର ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଏଭଳି ପଦକ୍ଷେପକୁ ଜିଲା କଂଗ୍ରେସ ପକ୍ଷରୁ ସ୍ୱାଗତ କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ଥିବା ଟ୍ରମା ସେଣ୍ଟରକୁ କାର୍ଯ୍ୟକ୍ଷମ କରାଇବା, କାର୍ଡ଼ିଓଲୋଜି ବିଭାଗରେ ଡାକ୍ତର ନିଯୁକ୍ତି, ଜିଲାରେ ବେରୋଜଗାରୀ ସମସ୍ୟା ଭଳି ଅନେକ ସମ୍ବେଦନଶୀଳ ବିଷୟ ରହିଛି ଯାହା ମୁଖ୍ୟମନ୍ତ୍ରୀ ନିଜ ବକ୍ତବ୍ୟରେ ସ୍ଥାନିତ କରିବାର ଆବଶ୍ୟକତା ଥିଲା। ସେହିପରି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ସହରର ତାମୁଲିଆ ଫ୍ଲାଏଓଭରବ୍ରିଜ୍‌ଠାରୁ ଷ୍ଟେଶନ ଛକ ପର୍ଯ୍ୟନ୍ତ ୬ ଲେନ୍ ବିଶିଷ୍ଟ ରାସ୍ତା ପୂର୍ବ ଘୋଷିତ ରିଂରୋଡ୍ ଘୋଷଣା ଭଳି ମନେହେଉଛି ଯାହା ପାଣି ଫୋଟକା ପରି ମିଳେଇଯିବ। ଇନ୍‌ଡୋର ଷ୍ଟାଡିୟମ୍ ନିଷ୍ପତ୍ତି ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ହୋଇଥିବା ବେଳେ ଜିଲାରେ ପୂର୍ବରୁ ଥିବା କ୍ରୀଡ଼ା ଭିତ୍ତିଭୂମିର ନବୀକରଣ ଏବଂ ରକ୍ଷଣାବେକ୍ଷଣ ମଧ୍ୟ କରାଯିବା ଆବଶ୍ୟକ ରହିଛି। ଡ୍ରେନେଜ୍ ସମସ୍ୟା ଦୂର ପାଇଁ ୭କୋଟି ଟଙ୍କା ଘୋଷଣା ହୋଇଛି। ପୂର୍ବରୁ ଘୋଷଣା କରାଯାଇଥିବା ମହାନାଳ ପ୍ରକଳ୍ପର କାର୍ଯ୍ୟ ଆଜି ପର୍ଯ୍ୟନ୍ତ ଶେଷ ହୋଇନାହିଁ। ସେହିପରି ଜିଲାରେ ବେରୋଜଗାରୀ ସମସ୍ୟା ଏକ ପ୍ରମୁଖ ସମସ୍ୟା ଭାବରେ ଦିନକୁ ଦିନ ମୁଣ୍ଡ ଟେକୁଛି। ଦୁର୍ଭାଗ୍ୟର କଥା ରାଜ୍ୟ ସରକାର ନୂତନ ଶିକ୍ଷାନୁଷ୍ଠାନ ଗଢ଼ିବେ କ'ଣ ୨୨ବର୍ଷର ଶାସନକାଳ ମଧ୍ୟରେ କଂଗ୍ରେସ ଅମଳରେ ହୋଇଥିବା ବିଭିନ୍ନ କାରଖାନାକୁ ବନ୍ଦ କରିଦେବା ଭଳି ଘଟଣାକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଗୋପୀନାଥ ପାଢ଼ୀ, ମମତା କୁଣ୍ଡୁ, ପ୍ରଜ୍ଞା ପାରମିତା ମହାନ୍ତି, ଦେବଦତ୍ତ ଦାସ, ବିକାଶ ଦାସ, ପଶୁପତି ଉପାଧ୍ୟାୟ ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।



ଜିଲା କଂଗ୍ରେସ ପକ୍ଷରୁ ନୀରବ ପ୍ରାର୍ଥନା କରାଯାଉଛି।


**O/O MEDICAL OFFICER I/C CHC, BAUNSUNI**
**BLOCK PROGRAMME MANAGEMENT UNIT**
**NATIONAL HEALTH MISSION**
**BAUNSUNI, DIST.- BOUDH**
e-mail: bpmuboudh2@gmail.com

**Sealed tenders are invited from registered, reputed and experienced Agencies/Firms/Individuals for engagement of Vehicles on hiring basis for BPMU, MHT (1 & 2) & MHU.**

Interested bidders may send their complete bid in double cover system (Technical & Financial). Bidders may apply for all or any of the above categories in separate envelopes only. Combined bids will not be considered. Category of supply must be superscribed in the top of the bid envelope and addressing clearly to the MEDICAL OFFICER I/C CHC, BAUNSUNI. The details of the tender may be downloaded from the District website https://boudhnic.in. Last date for receipt of tender is 30.04.2021 latest by 12.30 P.M. only through Speed Post/ Regd Post and the bids so received will be opened on 03.05.2021 at 11.00 A.M. in the Office Chamber of the MEDICAL OFFICER I/C CHC, BAUNSUNI. Incomplete and late receipt bids will be summarily rejected. The undersigned reserves the right to cancel all or any of the bids without assigning any reason thereof.

**Sd./- MEDICAL OFFICER I/C CHC BAUNSUNI**


୩୪

